ଶନିବାର, ୪ ନଭେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ






୭
କବିତା



୭
ଜଣା ଅଜଣା




୮
ଆଇନା

# ଖିଲି ଖିଲି ହସ

ଶିକ୍ଷକ କ୍ଲାସ୍‌ରେ ସାଇନ୍ସ ପଢ଼ାଉଥିବା ସମୟରେ ପିଲାଙ୍କୁ କହିଲେ– ପିଲାମାନେ ତୁମ କପିରେ ବ୍ୟାକ୍ଟେରିଆ ଚିତ୍ର ଆଙ୍କିପାରିବ ? ଚିକୁର କପି ଦେଖିବା ପରେ ତାକୁ ପଚାରିଲେ, ଆରେ ଚିକୁ, ତୁ କାହିଁକି କପିରେ ବ୍ୟାକ୍ଟେରିଆ ଚିତ୍ର ଆଙ୍କିନୁ ? ଚିକୁ ଉତ୍ତର ଦେଲା, 'ସାର୍, ମୁଁ ଚିତ୍ର କପିରେ କରିଛି, ହେଲେ ବ୍ୟାକ୍ଟେରିଆ ବହୁତ ସୂକ୍ଷ୍ମ ହୋଇଥିବାରୁ ତାହା ଖାଲିଆଖିରେ ଦେଖାଯାଉନି।

ମା' ପୁଅ ମଧ୍ୟରେ କଥାବାର୍ତ୍ତା
ମା'– ଆଜିକାଲି ପିଲାଙ୍କଠୁ ବେଶି ରେସ୍‌ପନସିବଲ୍ ମଶା। ପୁଅ– କେମିତି ? ମା'– କାରଣ ପିଲାମାନେ ସନ୍ଧ୍ୟା ହେଲେ ଘରକୁ ଆସୁ ନ ଥିବା ବେଳେ ମଶା କିନ୍ତୁ ସନ୍ଧ୍ୟା ହେଲା ମାତ୍ରେ ଘରକୁ ଆସନ୍ତି ।

ମିକୁ ଚିକୁ ଦୁଇ ଭାଇ ଏକା କ୍ଲାସରେ ପଢୁଥିଲେ।
ଶିକ୍ଷକ: ତୁମେ ଦୁଇଜଣ ବାପାଙ୍କ ନାମ ଅଲଗା ଅଲଗା କାହିଁକି ଲେଖିଛ ?
ମିକୁ: ମିସ୍, ଆମେ ଯଦି ଗୋଟିଏ ନାଁ ଲେଖିଥାନ୍ତୁ ଆପଣ କହିଥାନ୍ତେ କି ଆମେ କପି କରିଛୁ!

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମାଳିର ଶିକ୍ଷା

## ଗପ



ଶଙ୍କରବାବୁ ଦିନରାତି ପରିଶ୍ରମ କରି ଏକ ସୁନ୍ଦର ବଗିଚା କରିଥିଲେ। ଫୁଲଫଳ ଥିବା ସବୁଜିମାରେ ଭରା ବଗିଚାଟି ଏତେ ସୁନ୍ଦର ଥିଲା ଯେ ସେହି ବାଟଦେଇ ଯିବାଆସିବା କରୁଥିବା ଲୋକେ ବଗିଚା ପାଖରେ କିଛିସମୟ ଅଟକି ଯାଆନ୍ତି ଆଉ ଶଙ୍କରବାବୁଙ୍କୁ ଖୁବ୍ ପ୍ରଶଂସା କରନ୍ତି।

ଥରେ କିଛି ପିଲା ଶଙ୍କରବାବୁଙ୍କୁ ଏକାଗ୍ର ଚିତ୍ତରେ କାମ କରୁଥିବା ଦେଖି କୌତୂହଳବଶତଃ ତାଙ୍କ ପାଖକୁ ଆସିଲେ। ବଗିଚାଟି ଏତେ ସୁନ୍ଦର କିପରି ହୋଇଛି ବୋଲି ପ୍ରଶ୍ନ କଲେ। ଶଙ୍କରବାବୁ ସେମାନଙ୍କୁ ବଗିଚା ଭିତରକୁ ଡାକି ବସିବାକୁ କହିଲେ। ତା ' ପରେ କହିଲେ ''ଦେଖ ମୋ ପ୍ରିୟ ପିଲାମାନେ, ବଗିଚା କରିବା ମାନେ କେବଳ ମଞ୍ଜିପୋତି ସମୟେ ସମୟେ ପାଣିଦେଇ ଗଛ ବଢାଇବା ନୁହେଁ। ପ୍ରତ୍ୟେକ ଗଛକୁ କେତେବେଳେ କ'ଣ ଦରକାର ତାହା ବି ବୁଝିବାକୁ ହୁଏ ଓ ସେ ଅନୁଯାୟୀ ସ୍ନେହ ଓ ଧୈର୍ଯ୍ୟର ସହ ସେମାନଙ୍କ ଯତ୍ନ ନେବାକୁ ହୁଏ ଓ ପୋଷଣ ଦେବାକୁ ହୁଏ। ଏହା ବ୍ୟତୀତ ଭିନ୍ନ ଭିନ୍ନ ବୃକ୍ଷକୁ ଭିନ୍ନ ମାତ୍ରାରେ ଜଳ, ସୂର୍ଯ୍ୟକିରଣ ଓ ଯତ୍ନର ଆବଶ୍ୟକତା ଥାଏ। ତେଣୁ ଏଭଳି ସୁନ୍ଦର ଓ ସୁସ୍ଥ ବଗିଚାର ରହସ୍ୟ ହେଉଛି ପ୍ରତ୍ୟେକ ଗଛକୁ ତା' ଆବଶ୍ୟକତା ଅନୁଯାୟୀ ଯତ୍ନନେବା।

ଶଙ୍କରବାବୁ, ପିଲାଙ୍କର ଅନେକ କିଛି ଶିଖିବାର ଆଗ୍ରହ ଓ ଉତ୍କଣ୍ଠା ଦେଖି ବଗିଚାକୁ ଆଧାର କରି ଦୈନନ୍ଦିନ ଜୀବନ ବିଷୟରେ କିଛି ଶିକ୍ଷା ଦେବାକୁ ନିଷ୍ପତ୍ତି ନେଲେ। ସେ ବଗିଚାର ଗୋଟାଏ କୋଣରେ ଅଳ୍ପ ମୃତ୍ତିକାରେ ଉଠିଥିବା ଛୋଟିଆ ଗଛଟିଏ ଆଡ଼କୁ ଦୃଷ୍ଟି ପକାଇବାକୁ ପିଲାଙ୍କୁ କହିଲେ, ଯେଉଁଠି ଛୋଟିଆ ଗଛଟିଏକୁ ବଡ଼ବଡ଼ ମଜଭୁତ ଗଛସବୁ ଘେରି ରହିଥିଲା। କହିଲେ ଜାଣିଛ ପିଲାମାନେ ଏଇ ଛୋଟିଆ ଗଛଟି ଆମକୁ ଜୀବନ ବିଷୟରେ ଅନେକ କିଛି କହୁଛି।

ଆମ ସମସ୍ତଙ୍କ ପାଖରେ କିଛି ନା କିଛି ଭଲ ଗୁଣ ଲୁକ୍କାୟିତ ହୋଇ ରହିଛି ଆଉ କିଛି ଦୁର୍ବଳତା ମଧ୍ୟ ରହିଛି ଠିକ୍ ଏ ଗଛ ଆଉ ଏ ଫୁଲମାନଙ୍କ ଭଳି। ଆମମାନଙ୍କ ମଧ୍ୟରୁ କେତେକ ଅନ୍ୟମାନଙ୍କୁ ଦେଖି ଛୋଟ ମନେକରନ୍ତି। ଛୋଟ ଗଛଟି ବଡଗଛ ଛାଇରେ ଲୁଚିଗଲେ ବି ତାର ଯେମିତି ଗୁରୁତ୍ୱ ରହିଥାଏ ଠିକ୍ ସେମିତି ଅତି ସାଧାରଣ ମନେ ହେଉଥିଲେ ବି ଆମ ସମସ୍ତଙ୍କ ମଧ୍ୟରେ କିଛି ନା କିଛି ସ୍ୱତନ୍ତ୍ରତା ରହିଛି।

ତେଣୁ ନିଜକୁ ଅନ୍ୟ ସହ ତୁଳନା ନ କରି ଆମ କ୍ଷମତାକୁ ବୁଝି ସେଇଠି ନିଜ ଧ୍ୟାନ କେନ୍ଦ୍ରିତ କରି ନିଷ୍ଠାର ସହ ପରିଶ୍ରମ କଲେ ଆମ ଅନ୍ତର୍ନିହିତ ଗୁଣକୁ ଆଗକୁ ବଢ଼ାଇପାରିବା। ଠିକ୍ ଯେମିତି ଚାରାଗୁଡିକୁ ପୋଷଣ ଦେଇ ଯତ୍ନ କରିବାକୁ ହୁଏ। ଅନ୍ୟମାନଙ୍କ ସହ ଦୟାଭାବ, ଉତ୍ତମ ବୁଝାମଣା ରଖିବା ସହ ଆବଶ୍ୟକ ସ୍ଥଳେ ପରସ୍ପରକୁ ସହାୟତା ମଧ୍ୟ କରିବା ଦରକାର।

ଶଙ୍କରବାବୁଙ୍କ କଥାର ମର୍ମ ଠିକ୍ ବୁଝିପାରି ପିଲାମାନେ ମୁଣ୍ଡ ହଲାଇ ହଁ ଭରିଲେ। ସେମାନେ ବୁଝିପାରିଲେ ଯେ ନିଜକୁ ଅନ୍ୟ ସହ ତୁଳନା କରିବା ଦ୍ୱାରା ଖୁସି ମିଳେନି କି ଏହା ସଫଳତାର ଚାବିକାଠି ନୁହଁ। ଅନ୍ୟମାନଙ୍କ ଉନ୍ନତି ଓ ଦକ୍ଷତା ଦେଖି ମୁଣ୍ଡପିଟିବା ଅପେକ୍ଷା ନିଜ ବ୍ୟକ୍ତିଗତ ଅନ୍ତର୍ନିହିତ ଗୁଣଗୁଡ଼ିକର ବିକାଶ କରିବାରେ ଧ୍ୟାନ ଦେବା ଦରକାର।

ସେହିଦିନ ଠାରୁ ପିଲାମାନେ ଅଧିକାଂଶ ସମୟ ବଗିଚାକୁ ଆସନ୍ତି ଆଉ ଶଙ୍କରବାବୁଙ୍କୁ ପାଣି ଦେବାରେ ଓ ଚାରାମାନଙ୍କ ଯତ୍ନ ନେବାରେ ସାହାଯ୍ୟ କରନ୍ତି। ପିଲାମାନେ ବୁଝିପାରିଥିଲେ ଯେ ସମସ୍ତଙ୍କ ଭିତରେ କିଛି ନୂଆ ଥାଏ। ଅନ୍ୟର ଓ ସମାଜର ଉନ୍ନତି ପାଇଁ ଆବଶ୍ୟକ ସ୍ଥଳେ ସାହାଯ୍ୟ କରିବା ଦରକାର। ବଗିଚାଟି କେବଳ ସବୁଜିମା ଓ ପୁଷ୍ପରାଜିରେ ମଣ୍ଡିତ ନ ଥିଲା ବରଂ ତାହା ମଣିଷ ଜୀବନର ଏକ ପ୍ରତୀକ ଥିଲା। ତେଣୁ ଏହି ଗପ ମାଧ୍ୟମରେ ଜାଣିବାକୁ ପାଇଲେ ଯେ ଆମେ ସମସ୍ତେ ନିଜର ଅନ୍ତର୍ନିହିତ ଗୁଣଗୁଡ଼ିକୁ ବିକଶିତ କରିବା ପାଇଁ ନିରନ୍ତର ଉଦ୍ୟମ କଲେ ନିଶ୍ଚିତ ସଫଳତା ପାଇପାରିବା।

**– ସ୍ନିଗ୍ଧା ନାୟକ**, ତାଳଚେର
ମୋ: ୯୫୭୧୦୩୩୨୭୯

# ଗୁଜୁରାତି



**ଗୁଜୁରାତିକୁ ମୁଖବାସ କିମ୍ବା ଏକପ୍ରକାର ମସଲା ଭାବେ ଅନେକେ ବ୍ୟବହାର କରିଥାନ୍ତି। ଆଉ ଏହାର ଅନେକ ଉପକାରୀ ଗୁଣ ମଧ୍ୟ ରହିଛି।**

❖ଗୁଜୁରାତି ଖାଇବା ଫଳରେ ୟୁରିନ୍ ଫ୍ଲୋ ଅଧିକ ହୋଇଥାଏ। ଫଳରେ ଶରୀରରୁ ଅଧିକ ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। ତେଣୁ କିଡ୍‌ନୀର କାର୍ଯ୍ୟକ୍ଷମତା ବଢିଥାଏ ଓ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ।

❖ପେଟ ପାଇଁ ଗୁଜୁରାତି ବହୁତ ଭଲ। କାରଣ ଏହା ଗ୍ୟାସ, ବଦହଜମୀ ଭଳି ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେଇଥାଏ।

❖ଗୁଜୁରାତିକୁ ସାଧାରଣତଃ ମାଉଥ୍ ଫ୍ରେଶନର୍ ଭାବେ ବ୍ୟବହାର କରାଯାଏ। ଏହାକୁ ଚୋବାଇ ଖାଇଲେ ପ୍ରାକୃତିକଭାବେ ପାଟିର ଦୁର୍ଗନ୍ଧ ଦୂର ହୋଇଥାଏ। ତେଣୁ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ ଓ ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ସହଜ ହୋଇଥାଏ।

❖ପ୍ରତିଦିନ ଗୁଜୁରାତି ଖାଇଲେ ମାନସିକ ସ୍ୱାସ୍ଥ୍ୟ ବି ଭଲ ହୋଇଥାଏ। ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ ।

❖ଗୁଜୁରାତିକୁ ପ୍ରତିଦିନ ଖାଇବା ଫଳରେ ରକ୍ତ ଚାପର ସ୍ତର ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ। ଫଳରେ ହାର୍ଟ ଆଟାକ୍‌ର ଆଶଙ୍କା ମଧ୍ୟ କେତେକାଂଶରେ କମ୍ ହୋଇଯାଏ।

# କେଡ଼େ ଉପକାରୀ ଗଛଟି ସତେ

**ତୁମ ପଢ଼ିବା ପାଇଁ**




ପିଲାଙ୍କ ପାଇଁ ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପ୍ରକାଶ ପାଇଛି କବିତା ସଙ୍କଳନ 'କେଡ଼େ ଉପକାରୀ ଗଛଟି ସତେ'। ଏହାକୁ ରଚନା କରିଛନ୍ତି ସରୋଜିନୀ ଜେନା। ଉକ୍ତ ସଚିତ୍ର ସଙ୍କଳନରେ ସ୍ଥାନିତ ହୋଇଛି ଅନେକ ଉପାଦେୟ କବିତା। ସେଗୁଡ଼ିକ ମଧ୍ୟରେ– କେତେ ଉପକାରୀ ଗଛଟି ସତେ, ମୋ ମାଆ, ସୁରୁଜ ଯେବେ ଉଏଁ, କୁହ ବାପୁଜୀ, ବର୍ଷା ଆସିଲା, ଧଡ଼ି, ପାଣିଫୋଟକା, ପଡ଼ିଆ ଭୂଇଁ, କୁହୁଡ଼ି, ଜଙ୍ଗଲ ସୁରକ୍ଷା ଆଦିର ଉପସ୍ଥାପନା ବେଶ୍ ସୁନ୍ଦର ଏବଂ ଶିକ୍ଷଣୀୟ ହୋଇଛି। ଏହାର ମୂଲ୍ୟ ୭୦ ଟଙ୍କା। ଯୋଗାଯୋଗ : 'କେତେ ଉପକାରୀ ଗଛଟି ସତେ',
**କରିମୂଳ, କଲ୍ୟାଣପୁର, ଡେଲାଙ୍ଗ, ପୁରୀ**

# ମତାମତ

▶▶ଏଥର ପୃଷ୍ଠା–୩ରେ ପ୍ରକାଶିତ 'ପ୍ରାର୍ଥନା' ବିଷୟଟି ବେଶ୍ ଶିକ୍ଷଣୀୟ ହୋଇଛି।
**–ଶୁଭମ୍ ସାହୁ, ଢେଙ୍କାନାଳ**

▶▶'ଗପ' ସ୍ତମ୍ଭରେ ସ୍ଥାନିତ ଶ୍ରେଷ୍ଠ କିଏ' ଗପଟି ପଢ଼ି ଭଲ ଲାଗିଲା ଏବଂ ଅନେକ କଥା ଶିଖି ହେଲା।
**–ସୁପ୍ରିୟା ଦାସ, ଭୁବନେଶ୍ୱର**

▶▶ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଛି।
**–ଅନନ୍ୟା ସୁବୁଦ୍ଧି, ବାଲେଶ୍ୱର**

▶▶ଏଥର ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।
**–ସୁକୁମାର ପ୍ରଧାନ, କେନ୍ଦ୍ରାପଡ଼ା**

▶▶'ସତୀଶ୍ ଧାୱନ ରକେଟ୍ ପ୍ରେରଣ କେମିତି ହେଲା' ବିଷୟଟି ଶିକ୍ଷଣୀୟ ହୋଇ ପାରିଛି।
**–ବନାନୀ ରାଉତ, ଖୋର୍ଦ୍ଧା**



ଛୋଟ ପିଲା ମାଟିପିଣ୍ଡୁଳା ଭଳି, ତାକୁ ଯେମିତି ଗଢ଼ିବ ସେ ସେମିତି ହେବ। ମାତାପିତା ହେଉଛନ୍ତି ପିଲାର ପ୍ରଥମ ଗୁରୁ। ମାତ୍ର କେତେକ ପିଲା ଦୁଷ୍ଟ ପିଲାଙ୍କ ସାଙ୍ଗରେ ପଡ଼ି ନିଜ ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲିଦିଅନ୍ତି। ହେଲେ ବେଳ ଥାଉ ଥାଉ ନିଜକୁ ସଜାଡ଼ି ନେଇପାରିଲେ ଭଲ। ଜାଣନ୍ତୁ ଏ ସମ୍ପର୍କରେ....

# ବେଳ ଥାଉ ହୁଅ ସାବଧାନ

ବେଳେବେଳେ ପିଲା ଖରାପ ସାଙ୍ଗଙ୍କ ସହ ପଡ଼ି ଯାଆନ୍ତି। ଯାହାଫଳରେ ତାଙ୍କ ଭିତରେ କେତେକ ଖରାପ ଅଭ୍ୟାସ ବିକଶିତ ହେବାକୁ ଲାଗେ। ଅନେକ ସମୟରେ ତାଙ୍କଠାରେ ଭାଷାର ଶାଳୀନତାର ଅଭାବ ହୁଏ। ଏପରି କି ଖରାପ କଥା କହିବାକୁ ପଛାଇ ନ ଥାଏ। ସାମାନ୍ୟ କଥାରେ ଅନ୍ୟ ପିଲାଙ୍କୁ ମାଡ଼ପିଟ ଯଦି କରେ ତେବେ ବୁଝିନିଅନ୍ତୁ ସେ ବିଗିଡ଼ିଗଲାଣି। ଯଦି ଆପଣ ଜାଣିବାକୁ ଚାହାଁନ୍ତି ପିଲା ଖରାପ ସାଙ୍ଗମାନଙ୍କ ସହ ପଡ଼ି ଏପରି ବ୍ୟବହାର କରୁଛି ତେବେ ନିମ୍ନ ଲିଖିତ ବିଷୟକୁ ନଜର ଦେଇପାରନ୍ତି ।

■ ସବୁ ମାତାପିତା ଚାହାନ୍ତି ତାଙ୍କ ପିଲା ଭଲ ମଣିଷଟିଏ ହେଉ। ଉତ୍ତମ ଶିକ୍ଷା,ଅନ୍ୟମାନଙ୍କ ସହ କିପରି ବ୍ୟବହାର କରିବ ଏହା ପ୍ରାୟ ପିଲାମାନେ ଛୋଟବେଳୁ ଶିଖି ଥାଆନ୍ତି । ଏହାପରେ ବି କିଛି ପିଲା ଖରାପ ରାସ୍ତାରେ ପାଦ ରଖି ଦିଅନ୍ତି। ଖରାପ ସାଙ୍ଗମାନଙ୍କ ସହ ମିଶିବା ଯୋଗୁ ସେମାନଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ। ଏମିତିକା ପିଲା ମାତା ପିତାଙ୍କୁ ସବୁ କଥା ଲୁଚାଇଥାନ୍ତି ଆଉ କଥା କଥାରେ ଝଗଡ଼ା କରିବାକୁ ଲାଗନ୍ତି। ମିଛ କହିବା ମଧ୍ୟ ଆରମ୍ଭ କରିଦେଇଥାନ୍ତି। ମାତାପିତାଙ୍କୁ କଥା ଓଲଟାଇ ପ୍ରତି ଉତ୍ତର ଦେବାକୁ ମଧ୍ୟ ପଛାନ୍ତି ନାହିଁ। ଏହି ସବୁ ସମସ୍ୟା ୧୦-୧୨ ବର୍ଷ ପିଲାଙ୍କଠାରେ ଦେଖିବାକୁ ମିଳେ।

■ ସବୁବେଳେ ଗୋଟିଏ କଥା ଧ୍ୟାନରେ ରଖିବେ ପିଲା ନିଜ ପାଖଆଖରେ ଯାହା ଦେଖିବେ, ଶୁଣିବେ ସେଇଆ ହିଁ କରିବେ। ସ୍କୁଲ, ପାର୍କ, ଟ୍ୟୁଶନ୍ ଆଦି ସ୍ଥାନରେ ନିଜ ସାଙ୍ଗମାନଙ୍କୁ ଯେମିତି କରୁଥିବା ଏବଂ କହୁଥିବାର ପିଲା ଦେଖନ୍ତି, ତାହାକୁ ଅନୁସରଣ କରିବାକୁ ଲାଗନ୍ତି। ଖାସ୍‌କରି ଯଦି ସାଙ୍ଗ ଠିକ୍ ନ ଥାଏ ତେବେ ପିଲା ଅଧିକ ବିଗିଡ଼ିବାର ଆଶଙ୍କା ରହିଥାଏ। ଏମିତିରେ ମାତାପିତା ଆରମ୍ଭରୁ ତାଙ୍କର କଥାବାର୍ତ୍ତା ହାବଭାବରୁ ଲକ୍ଷ୍ୟ କରନ୍ତୁ। ଏହାଦ୍ୱାରା ପିଲାଙ୍କୁ ବିଗିଡ଼ିବାରୁ କିଛି ମାତ୍ରାରେ ରକ୍ଷା କରିପାରିବେ।

■ କିଛି ପିଲା କୌଣସି ମନ ପସନ୍ଦର ଜିନିଷ ଦେଖି ନେବାଲାଗି ଜିଦ୍ କରିଥାନ୍ତି। ଏଥିପାଇଁ ମାତାପିତାଙ୍କ ସହିତ ସେମାନେ ଉଚ୍ଚ ସ୍ୱରରେ କଥାବାର୍ତ୍ତା ବି କରନ୍ତି। ବେଳେବେଳେ ଏହି ଜିଦ୍ ଲାଗି ଖାଦ୍ୟ ମଧ୍ୟ ଖାଇ ନ ଥାନ୍ତି।

■ ବିଶେଷ ଭାବରେ ୮-୧୦ ବର୍ଷ ପିଲାଙ୍କଠାରେ ଏପରି ଅଭ୍ୟାସ ଅଧିକ ଦେଖିବାକୁ ମିଳିଥାଏ। ଏ ବିଷୟରେ ଅବଗତ ହେବାମାତ୍ରେ ମାତାପିତା ପିଲାମାନଙ୍କୁ ଥଣ୍ଡା ମିଜାସ୍‌ରେ ବୁଝାଇବା ଦରକାର। ତା'ସହ ଯଦି ପରବର୍ତ୍ତୀ ସମୟରେ ପିଲା ନିଜ ଭୁଲ୍ ବୁଝିପାରନ୍ତି ତେବେ ସେମାନେ ନିଜକୁ କେତେକାଂଶରେ ସୁଧାରି ନେଇପାରିବେ।

■ ଯେଉଁ କାମ କରିବାଲାଗି ଆପଣ ପିଲାକୁ ମନା କରୁଛନ୍ତି ସେ ସେଇ କାମକୁ ବାରମ୍ବାର କରୁଛି ତେବେ ଆପଣଙ୍କୁ ଧୈର୍ଯ୍ୟର ସହ ବୁଝାଇବାକୁ ପଡ଼ିବ। ଯଦି ସେ ଆପଣଙ୍କ କଥା ଶୁଣୁନି ତେବେ ଅନ୍ୟ କାହା କଥା ଶୁଣିବ ବୋଲି ଭାବିପାରିବେ ନାହିଁ। ଆଉ ଏପରି ବ୍ୟବହାର କାହିକି କରୁଛି ତା'ର କାରଣ ଖୋଜି ସମାଧାନ କରିବାକୁ ପଡ଼ିବ।

■ ଯଦି ଆପଣ କୌଣସି ଛୋଟମୋଟ କାମ ତାକୁ କହୁଛନ୍ତି ସେ କଥା ଶୁଣୁନି କି କରୁନି ତେବେ ଆପଣ ଜାଣି ନେବେ ଯେ ପିଲା ବିଗିଡିବା ରାସ୍ତାରେ ରହିଛି।

■ ଯଦି ଆପଣଙ୍କ ପିଲା ପ୍ରତି କଥାରେ ଖରାପ ଭାଷା ବ୍ୟବହାର କରୁଛି ତେବେ ସେ ଖରାପ ସାଙ୍ଗରେ ପଡ଼ିବାର କାରଣ ହୋଇପାରେ। ତେବେ ସେ ଅନ୍ୟ କେଉଁ ପିଲା ସହ କଳିଝଗଡ଼ା କରେ, ତେବେ କାହାକୁ ଥାପଡ଼ ଲଗାଇ, କାହାକୁ ମାର୍‌ପିଟ୍ କରି ଘରକୁ ଆସିଯାଏ ତେବେ ଏଥିନେଇ ଆପଣ ସତର୍କ ହୋଇଯାନ୍ତୁ। ପିଲା ପାଟିରୁ ଯଦି ଖରାପ ଭାଷା ଶୁଣୁଛନ୍ତି ତେବେ ତାକୁ ସେଇ ମୁହୂର୍ତ୍ତରେ ଅଟକାନ୍ତୁ। ସେ ଯଦି ଅନ୍ୟ କାହାକୁ ବାରମ୍ବାର ଚିଡ଼ାଉଛି କିମ୍ବା ଥଟ୍ଟା ପରିହାସ କରୁଛି ତେବେ ଏହି ଅଭ୍ୟାସ ଜମା ଠିକ୍ ବି ନୁହେଁ। ଏଥିଲାଗି ତାକୁ ଆକଟ କରନ୍ତୁ।



## ସବୁବେଳେ ମାପିଚୁପି ଚାଲିଥାଏ



ପିଲାଟିଏ ଯେତେବେଳେ ସବୁକିଛି ବୁଝିପାରେ ସେତେବେଳେ ସେ ନିଜ ଭବିଷ୍ୟତକୁ ଭଲ ଭାବରେ ଗଢ଼ିପାରେ। ତେବେ ମୁଁ ସବୁବେଳେ ଖରାପ ସାଙ୍ଗମାନଙ୍କଠାରୁ ନିଜକୁ ଦୂରେଇ ରଖିଥାଏ। ନିଜର କଥାବାର୍ତ୍ତା ଶୈଳୀ, ଆଚାର ବ୍ୟବହାର ପ୍ରତି ସଚେତନ ରୁହେ। ମୋଟ୍ ଉପରେ କହିବାକୁ ଗଲେ ସବୁବେଳେ ମୁଁ ମାପିଚୁପି ଚାଲିଥାଏ। କୌଣସି କଥାରେ ଯେମିତି କେହି ମୋତେ ଖରାପ ନ ଭାବନ୍ତି ଏଥିନେଇ ସବୁବେଳେ ସତର୍କ ରୁହେ।


**-ଦିବ୍ୟରଞ୍ଜନ ରଣା,** କ୍ଲାସ୍-୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଙ୍ଗାବାରୀ, ଭବାନୀପାଟଣା

## ଭଲ ସାଙ୍ଗଙ୍କ ସହ ମିଶେ



ମୁଁ ସବୁବେଳେ ଭଲ ସାଙ୍ଗଙ୍କ ସହ ମିଶିଥାଏ। ସେମାନଙ୍କଠାରୁ ଭଲ କଥା ଶିଖିବାକୁ ଚେଷ୍ଟାକରେ। ଯେଉଁମାନଙ୍କର ବ୍ୟବହାର ମୋତେ ଖରାପ ଲାଗେ ସେମାନଙ୍କଠାରୁ ନିଜକୁ ସବୁବେଳେ ଦୂରେଇରଖେ। ମୋ ସାଙ୍ଗମାନଙ୍କ ସହ ସବୁବେଳେ ପାଠ ଏବଂ କରେଣ୍ଟ ଆଫେୟାର୍ସ ବିଷୟରେ ଆଲୋଚନା କରେ। କାହାକୁ ଖରାପ ବାଟରେ ଯିବାକୁ କଦାପି ପରାମର୍ଶ ଦିଏନା। ସମସ୍ତେ ଯେପରି ମୋତେ ଭଲ ପାଇବେ, ପ୍ରଶଂସା କରିବେ ସେନେଇ ସବୁବେଳେ ଯତ୍ନବାନ୍ ଥାଏ।

**-ରଶ୍ମିରେଖା ସାହୁ,** କ୍ଲାସ-୭, ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ,କେନ୍ଦ୍ରାପଡ଼ା


୧


୨


୩


୧
ପ୍ରିୟାଂଶୁ ପଟ୍ଟନାୟକ
କ୍ଲାସ– ୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋଷାଗୁମୁଡା, ନବରଙ୍ଗପୁର


୨
ଶିବାଂଶୀ ଦାଶ
କ୍ଲାସ–୧, ସେଣ୍ଟ ଯୋଶେଫ ଗାର୍ଲସ ହାଇସ୍କୁଲ, କଟକ


୩
ସାନ୍ୱି ମିଶ୍ର
କ୍ଲାସ– ୬, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର


୪
ସାଇଶ୍ରୀ ତ୍ରିପାଠୀ
କ୍ଲାସ–୯, ହୋଲି ଫାମିଲି ଇଂଲିଶ ମିଡିୟମ୍ ସ୍କୁଲ, ନୟାଗଡ଼


୫
ଶ୍ରେୟାଶ୍ ସ୍ୱାଇଁ
କ୍ଲାସ– ୪, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଙ୍କି, କଟକ


୬
ଅଲଫାଜ୍ ୱାରିଶ୍ ଖାନ୍
କ୍ଲାସ– ୪, ଜେନ୍ ମିଶ୍ରିଲାଲ୍ ପଦ୍ମାବତୀ ମଡେଲ୍ ସ୍କୁଲ, କାମାକ୍ଷାନଗର, ଢେଙ୍କାନାଳ



୭
ଅର୍ଶିତା ପ୍ରଧାନ
କ୍ଲାସ– ୩, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୋରସିଙ୍ଗି, ଗଞ୍ଜାମ


୮
ରଚିତା ସାମଲ
କ୍ଲାସ– ୯, ଲାଲ୍ ବାହାଦୁର ସରକାରୀ ସ୍କୁଲ, ଧର୍ମଶାଳା, ଯାଜପୁର


୪


୫


୬



୭


୮




## ଗଛ ପରା ଅଟେ

କାଠ କଟାଳିରେ କାଠ କଟାଳି
କହ ଆଜି କେଉଁ ଗଛର ପାଳି ।
ଧାରୁଆ କୁରାଢ଼ି ହାତରେ ଧରି
ଗଛ କାଟି ଯାଉ କଂସେଇ ପରି ।
କାଟିବୁନି ଗଛ ରହିଲା ରାଣ
ସିଏ ପରା ଅଟେ ଆମ ପରାଣ ।
ଜନମଠୁ ଆମ ମରିବା ଯାଏ
ଗଛ ଆମ ସଦା ପାଖରେ ଥାଏ ।
ଖାଦ୍ୟ ବସ୍ତ୍ର ବାସ ସବୁ ଯୋଗାଇ
ସାହା ହୋଇଥାଏ ସାଜିଣ ଭାଇ ।
ତା'ପାଇଁ ଜଳେ ତ ଦୁଇଟି ନିଆଁ
ତା' ବିନା ଉଚ୍ଛନ୍ନ ପରା ଦୁନିଆଁ ।

**– ଜୟନ୍ତ କୁମାର ମଲ୍ଲିକ**
ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ଅରଜିବା କୋଟି ପୁଣ୍ୟ



ବାପାମାଆ ମୋର ଆରାଧ୍ୟ ଠାକୁର
ତାଙ୍କୁ ମୁଁ ଭୁଲିବି ନାହିଁ
ସାରା ଦୁନିଆରେ ତାଙ୍କ ସମ ଆଉ
କେହିନାହାନ୍ତି ମୋ ପାଇଁ।
ବାପାମାଆଙ୍କର ମନରେ କେବେ ବି
ଦିଏ ଯଦି କିଏ କଷ୍ଟ
ଯେତେ ବଡ଼ ଲୋକ ହୋଇଥିଲେ ସୁଦ୍ଧା
ପୁଣ୍ୟ ହୁଏ ତା'ର ନଷ୍ଟ ।
ବାପାମାଆଙ୍କର ଶୁଭ ଆଶୀର୍ବାଦ
ଯା' ଉପରେ ଥିବ ନିତି
ହଟିଯିବ ସବୁ ଦୁଃଖ ଦୁର୍ବିପାକ
ସକଳ ବାଧା ବିପତ୍ତି ।
ବାପାମାଆଙ୍କର ସେବା କରି ଆମେ
ମଣିବା ନିଜକୁ ଧନ୍ୟ
ତାଙ୍କରି ମନରେ ହସଖୁସି ଭରି
ଅରଜିବା କୋଟି ପୁଣ୍ୟ ।

**– ଦେବରାଜ ପାଣିଗ୍ରାହୀ**
ପାଟଣାଗଡ଼, ବଲାଙ୍ଗୀର
ମୋ: ୯୭୭୭୧୩୫୧୬୯

## ମିଠା

ମିଠା ତ ମିଠା କଦଳୀ ମିଠା
ଅଙ୍ଗୁର କୋଳି ମିଠା
ସପୁରୀ ମିଠା ପିଜୁଳି ମିଠା
ପାଚିଲା ଆତ ମିଠା ।
ପଣସ ମିଠା ଲିଚୁ ବି ମିଠା
ନାସପାତି ମିଠା ଲାଗେ
ପାଚିଲା ବେଲ ମିଠା ଲାଗଇ
ଖାଇବା ଆଶା ବେଗେ ।
ନିଇତି କିଛି ଫଳ ଖାଇବା
ଅଭ୍ୟାସ କରି କରି
ଜୀବସାର ତ ମିଳିବ ନିଶ୍ଚେ
କେତେ ଯେ ହିତକାରୀ
ଫଳକୁ ଛାଡି ଆହୁରି କେତେ
ମିଠା ଦରବ ମିଳେ
ଫଳ ଖାଇଲେ ଦେହକୁ ହିତ
ଜାଣିଛ ତମେ ପିଲେ ।
ବେଶି ମିଠାରେ ଶର୍କରା ବଢେ
ଚଳିବା ଧ୍ୟାନ ଦେଇ
କଷା ଓ ପିତା ଲୁଣିଆ ଖଟା
ଖାଇବା ଭାଗ ନେଇ ।

**– କୀର୍ତ୍ତନ ସାହୁ**
ମିଶ୍ର କଲୋନୀ, ଶାଳପଡ଼ା,
କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ବଡ଼ ଜାମ୍ ଜାର୍

ବଜାରରେ ବିଭିନ୍ନ ଜାମ୍ ବିକ୍ରି ହୁଏ। ତେବେ ସେଥି ମଧ୍ୟରୁ କିଛି ଜାମ୍ ବୋତଲ ଏକ କିଲୋଗ୍ରାମ୍ କିମ୍ବା ଦୁଇ ଅଥବା ୫ କିଲୋଗ୍ରାମ୍ ନ ହେଲେ ୧୦ କିଲୋଗ୍ରାମ୍ ମଧ୍ୟ ହୋଇପାରେ। କିନ୍ତୁ ଗୋଟିଏ ଜାମ୍ ଜାର୍ ଭିତରେ ୧୦୦୦ରୁ ବି ଅଧିକ କିଲୋଗ୍ରାମ୍‌ର ଜାମ୍ ରହିପାରେ ଏକଥାକୁ ସହଜରେ କେତେକ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏଭଳି ଏକ ଜାମ୍‌ର ଜାର୍ ତିଆରି କରିଛି ମେକ୍ସିକୋର ଟନିକ୍ ଲାଇଫ୍ କମ୍ପାନୀ। ୨୦୨୦ ମସିହାରେ ଏହି କମ୍ପାନୀ ଏଭଳି ଏକ ବଡ଼ ଜାମ୍ ଜାର୍ ପ୍ରସ୍ତୁତ କରିଥିଲା, ଯେଉଁଥିରେ ୧,୦୦୫ କିଲୋଗ୍ରାମ୍‌ର ଜାମ୍ ରହିଥିଲା। ଏତେ ବଡ଼ ଜାର୍ ହୋଇଥିବାରୁ ଏହା ସେତେବେଳେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲା।

ଷ୍ଟ୍ରବେରୀ ଉତ୍ପାଦନ ପାଇଁ ଜଣାଶୁଣା ମେକ୍ସିକୋର ପରିଚୟକୁ ବିଶ୍ୱବ୍ୟାପୀ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଏଭଳି ଏକ ଉଦ୍ୟମ କରାଯାଇଥିବା କୁହାଯାଇଥିଲା। ଏହି ଜାମ୍ ତିଆରି କରିବା ନିମନ୍ତେ ୭୦ ଜଣ ସେଫ୍ ଓ ଖାଦ୍ୟ ମାନ ପରଖୁଥିବା ଇଞ୍ଜିନିୟର ଏକ ସମୟରେ କାମରେ ଲାଗିଥିଲେ। ଏଥିରେ ୧,୧୫୫ କିଲୋଗ୍ରାମ୍ ଷ୍ଟ୍ରବେରୀ ଓ ୫୭୭.୫ କିଲୋଗ୍ରାମ୍ ଚିନି ସହିତ ଅନ୍ୟାନ୍ୟ ଜିନିଷ ବ୍ୟବହାର ହୋଇଥିଲା। ଗିନିଜ୍ ରେକର୍ଡରେ ନାମ କରିବା ପରେ ଜାମ୍‌କୁ ବିଭିନ୍ନ ଦାତବ୍ୟ ଅନୁଷ୍ଠାନକୁ ଛୋଟ ଛୋଟ ବୋତଲ ମଧ୍ୟରେ ଭର୍ତ୍ତି କରି ବାଣ୍ଟିଦିଆଯାଇଥିଲା। ତେବେ ସବୁଠୁ ବଡ ଜାମ୍ ଜାର୍ ପ୍ରସ୍ତୁତ କରିବାରେ ଏହା ପୂର୍ବରୁ ମେକ୍ସିକୋର ଇନ୍‌ଷ୍ଟିଟ୍ୟୁଟୋ ଟେକ୍ନୋଲୋଜିକୋ ନାମରେ ରହିଥିଲା, ଯାହା ୫୫୯.୮୦ କିଲୋଗ୍ରାମ୍‌ର ଜାମ୍ ଜାର୍ ପ୍ରସ୍ତୁତ କରିଥିଲା।



## ଏଥର ର



- ମହିଳା କ୍ରିକେଟ ବିଶ୍ୱକପ୍ କେଉଁ ମସିହାରୁ ଆରମ୍ଭ ହୋଇଥିଲା ?
- ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରୁଛି ବୋଲି କିଏ ଆବିଷ୍କାର କରିଥିଲେ ?
- କେଉଁ ଦେଶରେ ସର୍ବାଧିକ ଦ୍ୱୀପ ରହିଛି ?
- କେଉଁ ଏକମାତ୍ର ଦେଶ ଯେଉଁଠି ଚାରୋଟିଯାକ ଅର୍ଦ୍ଧଗୋଳକ ରହିଛି ?
- ଆୟତନ ଅନୁସାରେ ଓଡ଼ିଶାର ସବୁଠାରୁ ବଡ଼ ଜିଲା ?

ଉ ତ ର

## ଗତଥର ର

- ୱିମ୍ବଲେଡନ୍
- ସୁମୋ ରେସ୍‌ଲିଂ
- ମହେନ୍ଦ୍ର ସିଂ ଧୋନୀ
- ପୁଲେଲା ଗୋପୀଚାନ୍ଦ
- ସିଙ୍ଗାପୁର



## କହିଲ ଦେଖି



ପଶୁ,ପକ୍ଷୀ, ନର ଅବା ବାନର
ଏମାନଙ୍କ ମୁଖେ ବାସ ତାହାର
ନିଃଶ୍ୱାସ ପ୍ରଶ୍ୱାସ କାମଟି ତା'ର
ଦୁର୍ଗନ୍ଧ ସୁଗନ୍ଧ ଜଣାଏ ସିଏ
ତାରି ପାଇଁ ସୁବାସ ଆଦରି
ଦୁର୍ଗନ୍ଧଠୁ ଥାଉ ଦୂରେଇ
ଏବେ କହିଦିଅ ନାମଟି ତାର ?

ଉତ୍ତର – **ନାକ**



ସବୁ ଜୀବଙ୍କୁ ଏ ଈଶ୍ୱର ଦାନ
କରନ୍ତି ସେ ଏଥେ ସବୁ ଦର୍ଶନ
ଯାହାର ନାହିଁ
ତା'ପାଇଁ ଦୁନିଆ ପୁରା ଅନ୍ଧାର
ମାଳ ମାଳ ଛବି କ୍ଷଣିକେ ଉଠାଇ
ରଖେ ମନରେ ସେ ଗୋପନ କରି
ପାଟି ନୁହେଁ ସିଏ କଥା ବି କହେ
ତା' ପାଇଁ କବିତା ଲେଖା ବି ହୁଏ
କହିଲ ଦେଖି କେ ନାମ ତାହାର ?

ଉତ୍ତର – **ଆଖି**



ବେକଠୁ ଉପର ଖପୁରି ତଳ
ଥାଏ ଶିରରେ ସେ ଦୁଇ ପଟରେ
ଗଠନ ତାହାର ଯେ ଫାଳ ଫାଳ
ଶବ୍ଦଟି ତାହାର ଅଟେ ଆହାର
କର୍କଶ ସ୍ୱର ନୁହେଁ
ମନକୁ ପଠାଏ ସେ ମଧୁସ୍ୱର
କହିଲ ଦେଖି କେ ନାମ ତାହାର ?

ଉତ୍ତର – **କାନ**



ଖୋଲିଦେଲେ ଗାତ ପରି ଦିଶେ
ତା' ଦେଇ ଖାଦ୍ୟ ପେଟରେ ପଶେ
ପଶିଗଲେ ତାକୁ ସେ ଚୂରିଦିଏ
ସବୁ ଜୀବଙ୍କର ମୁଖରେ ଥାଏ
ଖାଦ୍ୟ ପଶିଗଲେ ଆନନ୍ଦ ପାଏ
ତା' ନାମଟି ପିଲେ କହିଲ କିଏ ?

ଉତ୍ତର– **ପାଟି**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

ଜ ଣା ଅ ଜ ଣା



# ବିଚିତ୍ର ସାପ

ବିଷଧର ପ୍ରାଣୀ ମଧ୍ୟରେ ସାପ ଅନ୍ୟତମ। ଏହାକୁ ଦେଖିଲେ ଯେକେହି ବି ଡରିଯାଆନ୍ତି। ଏଭଳି କେତେକ ସାପ ଅଛନ୍ତି, ଯାହାଙ୍କ ଦଂଶନରେ ମୃତ୍ୟୁ ପ୍ରାୟ ନିଶ୍ଚିତ। ତେବେ ରଙ୍ଗବେରଙ୍ଗର ସାପକୁ ଦେଖିଲେ ତାହାକୁ ବାରମ୍ବାର ଦେଖିବାକୁ ମନ ହୋଇଥାଏ। ଏପରି ଏକ ସାପ ଅଛି, ଯାହାର ଶରୀର ରଙ୍ଗ କିପରି ଜାଣନ୍ତି ? ଇନ୍ଦ୍ରଧନୁର ସପ୍ତରଙ୍ଗ ପରି ତା' ଶରୀର ଦେଖାଯାଇଥାଏ। ଏଭଳି ମନଲୋଭା ସାପକୁ ଦେଖିବାକୁ ଅନେକ ଆଗ୍ରହ ପ୍ରକାଶ କରନ୍ତି। ଏହି ସାପକୁ 'ଇନ୍ଦ୍ରଧନୁଷୀୟ ସାପ' (ରେନ୍‌ବୋ ସ୍ନେକ୍) ବୋଲି କହିଥାଆନ୍ତି। ଜଣେ ବ୍ୟକ୍ତି ଯେତେବେଳେ ଏଭଳି ସାପକୁ ପ୍ରଥମେ ଦେଖିବେ ତାହାର ରଙ୍ଗ ନୀଳ ଦେଖାଯାଇଥାଏ। କିନ୍ତୁ କିଛି ସମୟପରେ ସେହି ସାପର ରଙ୍ଗ ଇନ୍ଦ୍ରଧନୁ ପରି ଦେଖାଯାଏ। ହେଲେ ଏଭଳି ସାପ ଦକ୍ଷିଣ ଆମେରିକାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଇଥାଆନ୍ତି। ଏହି ବିଚିତ୍ର ସାପର ଲମ୍ବ ୯୧-୧୨୨ ସେ.ମି. ହୋଇଥାଏ।

# ସର୍ବାଧିକ ଚକୋଲେଟ୍ ଉତ୍ପାଦନକାରୀ ଦେଶ



ସାଧାରଣତଃ ପିଲାମାନେ ଚକୋଲେଟ୍ ଖାଇବାକୁ ପସନ୍ଦ କରନ୍ତି। ଆଉ ବଜାରରେ ମଧ୍ୟ ବିଭିନ୍ନ ପ୍ରକାର ସ୍ୱାଦବିଶିଷ୍ଟ ଚକୋଲେଟ୍ ଉପଲବ୍ଧ। ତେବେ ଏଭଳି ଏକ ଦେଶ ଅଛି, ଯେଉଁଠି ଏହାର ଚାହିଦା କାହିଁରେ କେତେ। ଆଉ ଏହାକୁ ଦୃଷ୍ଟିରେ ରଖି ସେହି ଦେଶରେ ଅଧିକ ଚକୋଲେଟ୍ ଉତ୍ପାଦନ ହୋଇଥାଏ। ଏହି ଦେଶକୁ ବିଶ୍ୱର ସର୍ବାଧିକ ଚକୋଲେଟ୍ ଉତ୍ପାଦନକାରୀ ଦେଶ ଭାବରେ ବିବେଚନା କରାଯାଏ। ସେହି ଦେଶଟି ହେଲା ସ୍ୱିଜରଲାଣ୍ଡ। ଉକ୍ତ ଦେଶର ଆଉ ଏକ ବିଶେଷତ୍ୱ ରହିଛି। ଏଠାରେ ପାଳିତ ହେଉଥିବା ପ୍ରତିଟି ଉତ୍ସବରେ ଚକୋଲେଟ୍‌କୁ ପ୍ରାଥମିକତା ଦିଆଯାଇଥାଏ। ସତେଯେମିତି ଏହା ବିନା ସେଲିବ୍ରେଶନ ଫିକା ପଡ଼ିଯିବ। ସ୍ୱିଜରଲାଣ୍ଡର ଲୋକେ ଚକୋଲେଟ୍‌କୁ ଏତେ ଭଲପାଆନ୍ତି ଯେ ତାହା ସେମାନଙ୍କ ଦୈନନ୍ଦିନ ଜୀବନ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ସର୍ଭେରୁ ଜଣାପଡିଛି, ଏହି ଦେଶରେ ଜଣେ ବ୍ୟକ୍ତି ବର୍ଷକୁ ପ୍ରାୟ ୧୦ କି.ଗ୍ରାରୁ ଅଧିକ ଚକୋଲେଟ୍ ଖାଇଥାଆନ୍ତି। କାହାକୁ କିଛି ଉପହାର ଦେବାକୁ ଚିନ୍ତା କରିବା ସମୟରେ ସେମାନେ ପ୍ରଥମେ ଚକୋଲେଟ୍‌କୁ ହିଁ ପସନ୍ଦ କରନ୍ତି ଏବଂ ତା' ସହ ଅନ୍ୟାନ୍ୟ ଗିଫ୍ଟ ମଧ୍ୟ ଦେଇଥାଆନ୍ତି।



# ଧୋକା ଦେଉଥିବା ପ୍ରତିବିମ୍ବ

ବିଜ୍ଞାନ ଯାଦୁ

ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ କେନ୍ଦ୍ର ବୁଲି ଯାଇଥିଲା । ଗୋଟିଏ ପ୍ରଦର୍ଶନରେ ଲେଖାଯାଇଥିଲା 'ଧୋକା ଦେଉଥିବା ପ୍ରତିବିମ୍ବ ।' ପ୍ରଦର୍ଶନ ସମ୍ମୁଖରେ ଏକ କଳା କାଚ ଲାଗିଥାଏ । ସେ ଦେଖିଲା, କଳା କାଚଟିରେ ନିଜର ପ୍ରତିବିମ୍ବ ଦେଖାଯାଉଛି । ସେ କୌତୂହଳବଶତଃ ପ୍ରଦର୍ଶନର ପାଖକୁ ଗଲା । ଏକ ଅଦ୍ଭୁତ ଘଟଣା ଘଟିଲା । ସେ ଦେଖିଲା, ତା'ର ପ୍ରତିବିମ୍ବ ଅଦୃଶ୍ୟ ହୋଇଯାଇ ସେ ସ୍ଥାନରେ ଏକ ବିକଟାଳ କଙ୍କାଳ ଦେଖାଯାଉଛି । ସେ ଡରିଯାଇ ବାପାଙ୍କୁ କୁଣ୍ଢେଇ ପକାଇଲା ।

ବାପା ହସି ହସି କହିଲେ, 'ନାହିଁରେ ବୋକା ; ଏଥିରେ ଡରିବାର କୌଣସି କାରଣ ନାହିଁ । ଏହା ପ୍ରକୃତରେ ଆଲୋକରଶ୍ମି ଦ୍ୱାରା ପ୍ରତିବିମ୍ବ ଗଠନର ଏକ ଦୃଷ୍ଟି ବିଭ୍ରମତା ।'

ବାପା କହିଚାଲିଲେ, ତୁ ପ୍ରଦର୍ଶନ ସାମ୍‌ନାରେ ଯେଉଁ କଳାକାଚ ଦେଖୁଛୁ, ତାହା ପ୍ରକୃତରେ ସମ୍ପୂର୍ଣ୍ଣ ଅସ୍ୱଚ୍ଛ କାଚ ନୁହେଁ । ଏହା ଉପରେ ଏକ କଳା ଫିଲିମ୍ ଲଗାଯାଇଛି, ଯାହା ଏକ ଆଂଶିକ ଦର୍ପଣ ସଦୃଶ ଆଚରଣ କରେ । ଏହାର ସମ୍ମୁଖରେ ଆଲୋକର ଉତ୍ସ ଜଳୁଥିଲେ, ଏହା ଏକ ସମ୍ପୂର୍ଣ୍ଣ ଦର୍ପଣ ସଦୃଶ କାର୍ଯ୍ୟ କରେ ଏବଂ ଜଣେ ଦର୍ଶକ ଏଥିରେ ନିଜର ପ୍ରତିବିମ୍ବ ହିଁ ଦେଖିଥାଏ । ମାତ୍ର ଆଲୋକର ଉତ୍ସ ଏହାର ପଛପଟେ ରହିଥିଲେ, ଏହା ଏକ ସାଦା କାଚ ସଦୃଶ କାର୍ଯ୍ୟ କରେ ଏବଂ ଜଣେ ଦର୍ଶକ ଏହାର ପଛପଟେ ଥିବା କୌଣସି ବସ୍ତୁ ଦେଖିବାକୁ ସକ୍ଷମ ହୋଇଥାଏ । ଏହି ତତ୍ତ୍ୱକୁ ପ୍ରୟୋଗକରି ଉକ୍ତ ପ୍ରଦର୍ଶନଟି ପ୍ରସ୍ତୁତ କରାଯାଇଛି' ବାପା ବୁଝାଇଦେଲେ ।

ମୁନା ପଚାରିଲା, 'ପ୍ରଦର୍ଶନଟି କିପରି ପ୍ରସ୍ତୁତ ହୋଇଛି ମୋତେ ଟିକେ ଭଲକରି ବୁଝାଇ ଦିଅ ।'

ବାପା କହିଲେ, 'ବୁଝାଇ କହୁଛି ଶୁଣ । ପ୍ରଦର୍ଶନରେ କଳାକାଚ ପଛପଟେ ଏକ କଙ୍କାଳକୁ ଗୁପ୍ତଭାବେ ରଖାଯାଇଥାଏ । ପ୍ରଦର୍ଶନରେ ସ୍ଥାନିତ କଳାକାଚ ଆଗରେ ଓ ପଛରେ ଦୁଇଟି ଆଲୋକବତି ଖଞ୍ଜାଥାଏ । ପ୍ରଥମେ ଭିତରର ଆଲୋକ ବତିଟି ଲିଭିଥିବା ବେଳେ ସମ୍ମୁଖରେ ଥିବା ଆଲୋକ ବତିଟି ଜଳୁଥାଏ । ସୁତରାଂ ପ୍ରତିବିମ୍ବ ଗଠନର ନିୟମ ଅନୁସାରେ, କଳାକାଚଟି ଏକ ଦର୍ପଣ ସଦୃଶ କାର୍ଯ୍ୟ କରି ଏଥିରେ କେବଳ ଆମର ପ୍ରତିବିମ୍ବ ପ୍ରଦର୍ଶନ କରିଥାଏ । ଫଳରେ ଦର୍ଶକ ଏହା ପଛପଟରେ ଥିବା କଙ୍କାଳଟିକୁ ଦେଖିବାକୁ ସମର୍ଥ ହୋଇ ନ ଥାଏ । ମାତ୍ର ଆମେ ପ୍ରଦର୍ଶନ ପାଖକୁ ଆସିବା ମାତ୍ରେ ଏଥିରେ ଖଞ୍ଜାଥିବା ଏକ ସେନ୍ସର୍ ଆମର ଉପସ୍ଥିତି ବାରିପାରି ସାମ୍‌ନାରେ ଥିବା ଆଲୋକବତିଟିକୁ ଲିଭାଇ ପଛପଟରେ ଥିବା ଆଲୋକବତିକୁ ଜଳାଇଦିଏ । ଏହାଦ୍ୱାରା କଳାକାଚଟି ଏକ ସାଦା କାଚ ସଦୃଶ ଆଚରଣ କରି ଏହା ପଛପଟେ ଥିବା କଙ୍କାଳଟିକୁ ଦୃଶ୍ୟ କରାଇଥାଏ । ଫଳରେ ଧୋକା ଦେଉଥିବା ଏକ ପ୍ରତିବିମ୍ବର ଭ୍ରମଧାରଣା ସୃଷ୍ଟି ହୁଏ ।'

ମୁନା ସେଇଠୁ ପଚାରିଲା, 'ବାପା, ଆଂଶିକ ଦର୍ପଣ କ'ଣ ମୋତେ ଟିକେ ବୁଝାଇଦିଅ ।'




ବାପା ଉତ୍ତର ଦେଇ କହିଲେ, 'ଆମେ ପ୍ରତିଦିନ ଯେଉଁ ଦର୍ପଣରେ ମୁହଁ ଦେଖୁ ତାହା ହେଉଛି ଏକ ପ୍ରକୃତ ଦର୍ପଣ । ଏଥିରେ ଆପତିତ ଆଲୋକରଶ୍ମି ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ ହୋଇଥାଏ । ମାତ୍ର କଳାକାଚଟି ଏକ ସମ୍ପୂର୍ଣ୍ଣ ଦର୍ପଣ ନୁହେଁ । ଏହା ସାଧାରଣତଃ ଏକ ଦର୍ପଣ ସଦୃଶ କାର୍ଯ୍ୟ କରୁଥିଲାବେଳେ କିଛି ବିଶେଷ ପରିସ୍ଥିତିରେ ମଧ୍ୟ ଏହା ଏକ ସାଦା କାଚ ଭଳି ଆଚରଣ କରିଥାଏ । ଏହି ଆଚରଣ ଆଲୋକ ଉତ୍ସର ଅବସ୍ଥିତି ଉପରେ ନିର୍ଭର କରିଥାଏ । ଆଲୋକ ଉତ୍ସଟି ଦର୍ଶକ ଓ କଳାକାଚ ମଝିରେ ରହିଥିଲେ, କଳାକାଚଟି ଏକ ସମ୍ପୂର୍ଣ୍ଣ ଦର୍ପଣ ସଦୃଶ କାର୍ଯ୍ୟକରି ଦର୍ଶକର ପ୍ରତିବିମ୍ବ ପ୍ରଦର୍ଶନ କରିଥାଏ । ମାତ୍ର ଆଲୋକ ଉତ୍ସଟି କଳାକାଚ ପଛପଟେ ଜଳୁଥିଲେ ଏହା ଦର୍ଶକ ପାଇଁ କେବଳ ଏକ ସାଦା କାଚ ସଦୃଶ କାର୍ଯ୍ୟକରି ଏହା ପଛପଟରେ ଥିବା ବସ୍ତୁକୁ ପ୍ରଦର୍ଶିତ କରିଥାଏ । ଏହା ହେଉଛି କୌଣସି ଆଂଶିକ ଦର୍ପଣର ବିଶେଷତ୍ୱ' ବାପା ବୁଝାଇଦେଲେ ।

**-ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନକେନ୍ଦ୍ର,
ଭୋପାଳ , ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

# ଆ ଇ ନା




ପ୍ରୀୟାଂଶୁ ରଞ୍ଜନ ପଣ୍ଡା
୪ ବର୍ଷ, କଟକ



ସ୍ୱାଗତିକା ଭୋଇ
୯ ବର୍ଷ, ବଲାଙ୍ଗୀର